## ସଂକ୍ଷେପରେ

### ମହାନଗରରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ

ବ୍ରହ୍ମପୁର,୧୬।୨(ନରସିଂହ ସାହୁ)

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହର ଆହ୍ୱାନକ୍ରମେ ଗ୍ରାମୀଣ ବନ୍ଦ ଓ ଧର୍ମଘଟକୁ ସମର୍ଥନ କରି ଶୁକ୍ରବାର ବ୍ରହ୍ମପୁରରେ ବିଶାଳ ବାଇକ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ସ୍ଥାନରେ ପିକେଟିଂ କରାଯାଇ ଦୋକାନ ବଜାର ବନ୍ଦ ପାଇଁ ନିବେଦନ କରାଯାଇଥିଲା। ବ୍ୟାଙ୍କ ଓ ବୀମା ନିଗମ କର୍ମଚାରୀ ଧର୍ମଘଟକୁ ସମର୍ଥନ ଜଣାଇଥିଲେ। ଅନେକ ବ୍ୟବସାୟ ପ୍ରତିଷ୍ଠାନ କାରବାର ଆଶାନୁରୂପ ହୋଇନଥିଲା। ବସ ଚଳାଚଳ ସ୍ୱାଭାବିକ ଥିଲା। ସମସ୍ତ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ହୋଇଥିଲା। କଂଗ୍ରେସ ଶ୍ରମିକ ସଂଗଠନ ଆଇଏନଟିୟୁସି, ସିପିଏମର ସଂଗଠନ ସିଆଇଟିୟୁ, ସିପିଆଇର ଏଆଇଟିୟୁସି, ଏଚଏମଏସ୍, ଓସ୍ଲୁ ଓ ଅନ୍ୟ ସଂଗଠନ ଭାରତ ବନ୍ଦ ବା ଧର୍ମଘଟକୁ ସମର୍ଥନ ଜଣାଇଥିଲା। ଶୋଭାଯାତ୍ରା ପରିକ୍ରମା ବେଳେ କେନ୍ଦ୍ର ଏନଡିଏ ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ନୀତିର କଡ଼ା ସମାଲୋଚନା କରାଯାଇଥିଲା। ଚାଷୀଙ୍କ ଉତ୍ପାଦିତ ଫସଲର ସହାୟକ ମୂଲ୍ୟ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ହୁ ହୁ ବଢ଼ି ଚାଲିଥିବା ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦର ନିୟନ୍ତ୍ରଣ, ଲେବର କୋଡ ବାତିଲ, ସରକାରୀ ସମ୍ପତ୍ତି ବିକ୍ରୀ ବନ୍ଦ, ବେକାରୀ ସମସ୍ୟାର ସମାଧାନ ସାଙ୍ଗକୁ ବ୍ୟାପକ କର୍ମ ନିଯୁକ୍ତି ସୃଷ୍ଟି ନିମନ୍ତେ ଦାବି କରାଯାଇଥିଲା।

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟଟ୍ରାକ ପୋକସୋ ଜଜ ଗଣେଶ୍ୱର ପତି ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଶୁକ୍ରବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ କୋଦଳା ଥାନା ଅଞ୍ଚଳର ରିଣ୍ଟୁ ମୁନି। ସେହିପରି ପୀଡ଼ିତାଙ୍କୁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୫ ଏପ୍ରିଲ ୮ ତାରିଖରେ ୧୫ବର୍ଷର ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ସେ ଅଭିଯୋଗ କରିଥିଲେ। ଜଣେ ଯୁବକ ଦୁଇ ବର୍ଷ ପୂର୍ବରୁ ତାଙ୍କ ସହ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ନାବାଳିକା ଜଣଙ୍କ ଗର୍ଭବତୀ ହେବା ପରେ ଯୁବକ ଜଣଙ୍କ ବଳପୂର୍ବକ ତାଙ୍କର ଗର୍ଭପାତ କରିଥିଲେ। ପରେ ତାଙ୍କୁ ପ୍ରତାରଣା କରିଥିଲେ ବୋଲି ପିଡ଼ିତା କୋଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ.୧୧୦/୧୫ ରେ ଏକ ମାମଲା ରୁଜୁ କରିଥିଲା। ଫେରାର ଥିବା ଅଭିଯୁକ୍ତଙ୍କୁ ୨୦୧୫ ଏପ୍ରିଲ ୨୮ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ବିଏମ୍‌ସି କର୍ପୋରେଟରଙ୍କ ସାଧାରଣ ବୈଠକ

ବ୍ରହ୍ମପୁର,୧୬।୨(ସ୍ମୃତିରଞ୍ଜନ ମହାଲିକ)

- ସଫେଇ ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ମେୟର ଓ କର୍ପୋରେଟରଙ୍କ ମଧ୍ୟରେ ପାଟିତୁଣ୍ଡ

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର କର୍ପୋରେଟରଙ୍କ ସାଧାରଣ ବୈଠକ ଶୁକ୍ରବାର ବିଏମସି ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ଼ି, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କମିଶନର ଭବାନୀ ପ୍ରସାଦ ମିଶ୍ର ଓ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ବିଏମସି ପକ୍ଷରୁ ୨୦୨୩-୨୪ଆର୍ଥିକ ବର୍ଷର ରାଜସ୍ୱ ଆଦାୟ ବିବରଣୀ ସଂପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା। ଏହାପରେ କର୍ପୋରେଟରମାନେ ନିଜ ନିଜର ପ୍ରସ୍ତାବ ଓ ଅଭିଯୋଗ ରଖିଥିଲେ। ତେବେ ବୈଠକରେ ୩୭ନଂ ୱାର୍ଡ କର୍ପୋରେଟର ବନିତା ସାହୁ ତାଙ୍କ ୱାର୍ଡର ସମସ୍ତ କାର୍ଯ୍ୟରେ ନିଗମ ପକ୍ଷରୁ ଅବହେଳା କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ ବିଗତ ଦିନରେ ଜଣେ ଠିକାଦାର ତାଙ୍କୁ ଆକ୍ରମଣ



କର୍ପୋରେଟରଙ୍କୁ ମେୟର ବୁଝାସୁଝା କରୁଛନ୍ତି।

କରିଥିବା ବେଳେ ନିଗମ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଥିଲେ। ଏ ନେଇ ମେୟର କହିଥିଲେ ଯେ, ସେ ଉକ୍ତ ଘଟଣାକୁ ନେଇ କାଉନସିଲରେ କହି ନ ଥିଲେ। ମହିଳା କର୍ପୋରେଟର ସିଧାସଳଖ ଥାନାର ଦ୍ୱାରସ୍ଥ ହେବା ନେଇ ମେୟର କହିଥିଲେ। ଯାହାକୁ ନେଇ ବୈଠକରେ କର୍ପୋରେଟର ଓ ମେୟରଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ବିଜେଡି ଓ ଭାଜପା କର୍ପୋରେଟରଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଶେଷରେ ମେୟର ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। କର୍ପୋରେଟର ପ୍ରଦୀପ ଶତପଥୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ମହାନଗରରେ ବୁଲିଥିବା ଅର୍ପଣ ରଥ ସଂପର୍କରେ ଭାଜପା, ସ୍ୱାଧୀନ ଓ କଂଗ୍ରେସ କର୍ପୋରେଟରଙ୍କୁ କୌଣସି ଅବଗତ କରାଯାଇ ନ ଥିବା ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ନିମନ୍ତେ ୱାଡ ଅନୁଯାୟୀ ଖର୍ଚ୍ଚର ତଥ୍ୟ ଦେବାକୁ ସେ ଦାବି କରିଥିଲେ। ସେହିପରି ନିଗମର ଅତିଥି ଭବନରେ ଏକ ମଦ ଦୋକାନ ଖୋଲିବା ନେଇ ପ୍ରସ୍ତୁତି ହେଉଥିବା ନେଇ ଭାଜପା କର୍ପୋରେଟର ଅଭିଯୋଗ କରିଥିଲେ। ୫ ମହଲା ବିଶିଷ୍ଟ କୋଠାରେ ହୋଲସେଲ, ରିଟେଲ ଓ ଭେଣ୍ଡିଂ ଜୋନ ରହିବ। ମାର୍କେଟରେ ୭୦୦ରୁ ଅଧିକ ଯାନବାହାନ ପାର୍କିଂ ସୁବିଧା ରହିବ। କିନ୍ତୁ କମିଶନର ଅଧିକ ସଂଖ୍ୟକ ଗାଡି ପାର୍କିଂ ନିମନ୍ତେ ପଦକ୍ଷେପ ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ବିଏମସି ପକ୍ଷରୁ ହେଉଥିବା ସମସ୍ତ କାର୍ଯ୍ୟ ସବ କମିଟି ଜରିଆରେ ହେବା ପାଇଁ କର୍ପୋରେଟର ତିରୁପତି ପାତ୍ର ଦାବି କରିଥିଲେ। ସେହିପରି ପିଏମଆର ଏଜେନ୍ସି ସଠିକ ଭାବେ ସଫେଇ କର୍ମଚାରୀ ଓ ଗାଡି ଯୋଗାଡ ନ ଥିବା ଅଭିଯୋଗ ହୋଇଥିଲା। କମିଶନର ଉକ୍ତ ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ନିଗମର ସମସ୍ତ ଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

# ୨ ଜଣଙ୍କୁ ୧୦ବର୍ଷ କାରାଦଣ୍ଡ

## ଗଞ୍ଜେଇ ଚାଲାଣ ମାମଲା

ବ୍ରହ୍ମପୁର,୧୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍-୧ ଡ. ଇନ୍ଦୁ ଶର୍ମା ଶୁକ୍ରବାର ଏକ ଗଞ୍ଜେଇ ଚାଲାଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ୨ ଅଭିଯୁକ୍ତଙ୍କୁ ସେ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀମାନେ ହେଲେ ବିହାରର ଅରବିନ୍ଦ କୁମାର (୨୪) ଓ ନିତିଶ କୁମାର (୨୫)।

୨୦୨୧ ଅଗଷ୍ଟ ୩୧ ତାରିଖରେ ତତ୍କାଳୀନ ଅବକାରୀ ଏସଆଇ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ଟିମ ମହୁରୀ କାଲୁଆ ଛକରେ ପାଟ୍ରୋଲିଂ ସହ ଯାନବାହନ ଯାଞ୍ଚ କରୁଥିବା ବେଳେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଟ୍ରକକୁ ଅଟକାଇଥିଲା। ସେଥିରେ ଗଜପତିରୁ ଗଞ୍ଜେଇ ବ୍ରହ୍ମପୁର ଆସୁଥିବା ନେଇ ପୂର୍ବରୁ ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ଉକ୍ତ ଟ୍ରକକୁ ଯାଞ୍ଚ କରିବାରୁ ସେଥିରୁ ୩୮୫ କେଜି ଗଞ୍ଜେଇ ମିଳିଥିଲା। ଅରବିନ୍ଦ ଓ ନିତିଶ ତାହାକୁ ବିହାର ଚାଲାଣ କରିବାକୁ ଯୋଜନା କରିଥିଲେ ବୋଲି ଜେରା ବେଳେ ଜଣାପଡ଼ିଥିଲା। ଉଭୟଙ୍କୁ ମାମଲା ନଂ.୨୦୭/୨୧-୨୨ରେ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ପର ଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳିଥିବାରୁ ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ

## ଯୁବ ମହୋତ୍ସବ 'ଉମଙ୍ଗ-୨୦୨୪' ଉଦ୍‌ଘାଟିତ

ବ୍ରହ୍ମପୁର,୧୬।୨(ତନୁଶ୍ରୀ ନାହାକ)

''ଭାରତ ଭଳି ବିଭିନ୍ନତା ମଧ୍ୟରେ ଏକତାର ସଂସ୍କୃତି ବହନ କରୁଥିବା ଦେଶରେ ପ୍ରତ୍ୟେକ ରାଜ୍ୟର ଭାଷା ସାହିତ୍ୟ ଓ ସଂସ୍କୃତି ଭିନ୍ନ। ତଥାପି ଆମ ମଧ୍ୟରେ ଥିବା ଐକ୍ୟ ଭାବନା ସାରା ବିଶ୍ୱରେ ଭାରତକୁ ଶ୍ରେଷ୍ଠ କରିଛି। ତେଣୁ ଦେଶର ପ୍ରତ୍ୟେକ ନାଗରିକର ମୌଳିକତା ହେଉଛି ନିଜ ମାତୃଭୂମି, ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା କରିବା ବୋଲି ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଶୁକ୍ରବାର ପ୍ରକାଶ କରିଛନ୍ତି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମ ପରିସରରେ ଉଦଘାଟିତ ୩୭ତମ ପୂର୍ବାଞ୍ଚଳ ଜୋନସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଜାତୀୟ ଯୁବ ମହୋତ୍ସବ ଉମଙ୍ଗ -୨୦୨୪ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଉପରୋକ୍ତ ମତ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ପ୍ରତିଭା ବିକାଶ ଦିଗରେ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିବାରୁ ପ୍ରଂଶସା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। କୁଳପତି ପ୍ରଫେସର ଦାସ ଇଷ୍ଟର ଜୋନରୁ ଆସିଥିବା ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ କିଛି ଦିନ



ଧରି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଭାରତର ସମସ୍ତ କଳା ସଂସ୍କୃତି ଓ ସାହିତ୍ୟକୁ ଏକତ୍ର ଦେଖିବାର ସୁଯୋଗ ମିଳିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଧାୟକ ବିକ୍ରମ କୁମାର ପଣ୍ଡା ଅତିଥିଭାବେ ଉପସ୍ଥିତ ରହିଥିଲେ। ପ୍ରଫେସର ଡ଼. ଅଞ୍ଜନ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଫେସର ଡ଼.ସୌରଭ ଲଖନ ପାଲ ଓ ପ୍ରଫେସର ଦୀପକ ମିଶ୍ର ଆଲୋଚନା କରିଥିଲେ। ପ୍ରଫେସର ଡ଼. ଗଣେଶ ସେଠୀ ଓ ଡ଼. ସରିତଶ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଜୟନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମରେ ଦେଶର ପୂର୍ବାଞ୍ଚଳର ୧୭ ବିଶ୍ୱବିଦ୍ୟାଳୟ ଓ ଏହାସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ୭୦୦ ଛାତ୍ରୀଛାତ୍ର ଓ ଟିମ ମେମ୍ବର ଯୋଗଦେଇ ୨୫ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ମହୋତ୍ସବ ଆରମ୍ଭ ହେବା ପରଠାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉତ୍ସବ ମୁଖର ହୋଇ ଉଠିଛି।

## ଏମ୍‌କେସିଜିରେ ରାଗିଂ ଘଟଣା

# ୪ ସିନିୟର ଛାତ୍ରଙ୍କୁ କ୍ୟାମ୍ପସ ମନା

ବ୍ରହ୍ମପୁର, ୧୬।୨(ସୁବାସ ଚନ୍ଦ୍ର ପାଢ଼ୀ):

ଏମ୍‌କେସିଜି ମେଡିକାଲ କଲେଜରେ ରାଗିଂ ଘଟଣାର ବିଭାଗୀୟ ତଦନ୍ତ ସରିଛି। ୨ଜଣ ସିନିୟର ଛାତ୍ରଙ୍କୁ ଦୁଇ ମାସ ଓ ଆଉ ୨ ଛାତ୍ରଙ୍କୁ ଦୁଇ ସପ୍ତାହ ପାଇଁ କ୍ୟାମ୍ପସ ମନା କରାଯାଇଛି। ଏହି କଟକଣା ଶନିବାରଠାରୁ ଲାଗୁ ହେବ। ଉକ୍ତ ଦୁଇ ଛାତ୍ର ଶନିବାର ଠାରୁ ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ମେଡିକାଲ କଲେଜରେ ସେମାନଙ୍କର କ୍ଲାସକୁ ଯାଇପାରିବେ ନାହିଁ କି ଛାତ୍ରାବାସରେ ମଧ୍ୟ ରହି ପାରିବେନି ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କ ଠାରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସେହିପରି ଏ ନେଇ ସ୍ୱାସ୍ଥ୍ୟ ସଚିବ, ଡ଼ିଏମଇଟି ଓ ଆଣ୍ଟି ରାଗିଂ ସେଲକୁ ଅବଗତ କରାଯାଇଛି ବୋଲି ଏମକେସିଜି ମେଡିକାଲ କଲେଜ ଡ଼ିନ ତଥା ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ବାଲେଶ୍ୱରର ଜଣେ ଛାତ୍ର ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମ ବର୍ଷ ଏମବିବିଏସରେ ପାଠ ପଢ଼ୁଛନ୍ତି। ସେ ୨ ନମ୍ବର ହଷ୍ଟେଲରେ ରହୁଛନ୍ତି। ଗତ ୯ତାରିଖ ରାତିରେ ସେ ତାଙ୍କ ହଷ୍ଟେଲକୁ ଫେରୁଥିଲେ। ସେଠାରେ ଥିବା ଏମବିବିଏସ ଚତୁର୍ଥ ବର୍ଷର ୨ ଛାତ୍ର ତାଙ୍କୁ ବିନା କାରଣରେ ମାଡ ମାରିବା ସହିତ ରାଗିଂ କରିଥିଲେ। ପିଡିତ ଛାତ୍ରଙ୍କ ବାପା ଏ ନେଇ ଆଣ୍ଟି ରାଗିଂ ସେଲ, ବ୍ରହ୍ମପୁର ଏସପି ଓ ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷଙ୍କୁ ଟ୍ୱିଟ ଯୋଗେ ଅବଗତ କରି ଦୋଷୀ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲେ।

# ଗୁପ୍ତେଶ୍ୱର ପୀଠରେ ହର ହର ଭେଟ ଯାତ୍ରା



ଖଲ୍ଲିକୋଟ,୧୬।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିଲିକା ମଧ୍ୟରେ ଥିବା ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ମାଘମାସ ଶୁକ୍ଳ ସପ୍ତମୀ (ତିଳ ସପ୍ତମୀ) ତିଥିରେ ପ୍ରତିବର୍ଷ ପରି ସକଳେଶ୍ୱର ମହାଦେବ ଓ ଗୁପ୍ତେଶ୍ୱର ମହାଦେବଙ୍କ ହର ହର ଭେଟ ଯାତ୍ରା ଅନୁଷ୍ଠିତ ହୋଇଛି। ଶ୍ରୀକୃଷ୍ଣ ଶରଣପୁର ଶାସନ ନିକଟରେ ଥିବା ସକଳେଶ୍ୱର ମନ୍ଦିରରେ ପାରମ୍ପରିକ ଦେବନୀତି ପ୍ରକାରେ ଯାତ୍ରାଙ୍ଗି ପୂଜାର୍ଚ୍ଚନା ପରେ ସକଳେଶ୍ୱରଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖରଙ୍କୁ ଭୃସବ ବାହନରେ ସଜାଇ ଘଣ୍ଟ, ଖୋଳ କୀର୍ତ୍ତନ ପଟୁଆରରେ ବାବା ଗୁପ୍ତେଶ୍ୱର ପୀଠକୁ ଯାଇଥିଲେ। ସେଠାରେ ହର ହର ଭେଟପୂଜା ହୋଇଥିଲା। ପରେ ନୈକାରେ ତେନ୍ତୁଳିଆପଡା ଗ୍ରାମରେ ଥିବା ଗାଦିଶ୍ୱର ପୀଠରେ ପୂଜାର୍ଚ୍ଚନା ହୋଇଥିଲା।

# ଥାନା ପରିସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୧୬।୨(ସୁବାସ ଚନ୍ଦ୍ର ପାଢ଼ୀ)

୨୦୦୮ ଫେବୃଆରୀ ୧୬ ତାରିଖରେ ଗସମା ଜଙ୍ଗଲରେ ମାଓବାଦୀଙ୍କ ଗୁଳିରେ ବ୍ରହ୍ମପୁର ପୋଲିସ ଜିଲାର କନଷ୍ଟେବଲ ସୁଶାନ୍ତ ଗୌଡ଼ ଶହୀଦ ହୋଇଥିଲେ। ଏହି ବଳିଦାନକୁ ମନେ ପକାଇବା ପାଇଁ ବଡବଜାର ଥାନା ପରିସରରେ ଥିବା ସୁଶାନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ଅସୀମ ପଣ୍ଡା ଯୋଗଦେଇଥିଲେ। ଶହୀଦ ସୁଶାନ୍ତଙ୍କ ବାପା ଅବସରପ୍ରାପ୍ତ ହାବିଲଦାର ନିରଞ୍ଜନ ଗୌଡ଼ ସଭାରେ ଯୋଗଦେଇ ପୁଅର ଏହି ବଳିଦାନ ଯୋଗୁଁ ଆମ ପରିବାର ଗର୍ବିତ ବୋଲି କହିଥିଲେ। ବଡବଜାର ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ କହିଛନ୍ତି, ସୁଶାନ୍ତ ଆମ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ। ଆଇନଜୀବୀ ଅସିତ ସାବତ, ପ୍ରଦୀପ ବେହେରା, ଅଶୋକ କୁମାର ଶୁକ୍ଳା, ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି, ସନ୍ତୋଷ ସେଠୀ, ପଦ୍ମିନୀ ମିଶ୍ର , ଶ୍ୱେତରେଖା ତ୍ରିପାଠୀ, ଭୃଗୁ ରାମ ପଣ୍ଡା, ରୋଶନ କୁମାର ସାହୁ, ଚନ୍ଦ୍ରମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଟି ସହ ୬.୮୦ଲକ୍ଷ ଟଙ୍କା ଚୋରି

ବ୍ରହ୍ମପୁର,୧୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ହୋଟେଲ ସମ୍ମୁଖରୁ ସ୍କୁଟି ସହ ୬ ଲକ୍ଷ ୮୦ ହଜାର ଟଙ୍କା ଚୋରି ହୋଇଥିବା ଦିଲୀପ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ରାସ୍ତା କଡ଼ରେ ପଡିଥିବା ଦିଲୀପଙ୍କ ସ୍କୁଟିକୁ ପୋଲିସ ଜବତ କରିଥିବା ବେଳେ ଲୁଟିଆଙ୍କୁ ଧରିପାରିନାହିଁ। ଅଯୋଧ୍ୟା ନଗର ୨ୟ ଲାଇନ ବାସିନ୍ଦା ଦିଲୀପ ଏକ ଆୟୁର୍ବେଦିକ ଔଷଧ ବିଭିନ୍ନ ଦୋକାନକୁ ଯୋଗାଣ କରିଥାନ୍ତି। ଗତ ୧୨ତାରିଖ ଅପରାହ୍ନ ୨ଟାରେ ସେ ଓ ତାଙ୍କ ଦୋକାନ ଜଗୁଆଳ ଗୋଟିଏ ସ୍କୁଟିରେ ବିଭିନ୍ନ ଦୋକାନରୁ ଔଷଧ ବକେୟା ଟଙ୍କା ଆଣିବାକୁ ଯାଇଥିଲେ । ସେମାନେ ଟଙ୍କା ଆଦାୟ କରିବା ପରେ ରାତି ୮ଟାରେ ନୂଆବସଷ୍ଟାଣ୍ଡ ନିକଟ ଏକ ହୋଟେଲରେ ଖାଇ ପାର୍ସଲ ଆଣିବାକୁ ଅଟକିଥିଲେ । ଗାଡ଼ି ଡିକିରେ ଟଙ୍କା ଥିବା ଜଗୁଆଳ ଦେଖିଥିଲେ । ଦିଲୀପ ତାଙ୍କୁ ଗାଡ଼ି ଚାବି ଦେଇ ହୋଟେଲକୁ ଯାଇଥିଲେ। ସେ ପାର୍ସଲ ନେଇ ଫେରିବା ବେଳେ ଗାଡ଼ି ଓ ଜଗୁଆଳ ନ ଥିବା ଦେଖିବାକୁ ପାଇଥିଲେ । ସେ ବହୁ ଖୋଜାଖୋଜି କରିବା ପରେ ସ୍କୁଟି ଅଳକାପୁରୀ ଅଞ୍ଚଳରେ ଏକ ନିର୍ମାଣାଧୀନ ଘର ଆଗରେ ଥିବା ଦେଖିଥିଲେ। ଗାଡ଼ିର ଚାବି ଉକ୍ତ ଘରର ଝରକା ଉପରେ ଥିଲା । ଗାଡ଼ି ଡିକି ଖୋଲି ଦେଖିବା ବେଳକୁ ଆଦାୟ କରାଯାଇଥିବା ୬ଲକ୍ଷ ୮୦ ହଜାର ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ । ଦିଲୀପ ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ନଂ.୯୭/୨୪ରେ ଏକ ମାମଲା ରୁଜୁ କରିଛି। ଜଗୁଆଳ ଜଣକ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଚାଲିଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଗୋପାଳପୁର,୧୬।୨(ନବୀନ ରାଜ ଆଚାରୀ)

ଚାନ୍ଦପୁର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ସରପଞ୍ଚ ସିଏଚ ରଶ୍ମିତା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡ଼ିଓ ଅଂଶୁମାନ ମହାପାତ୍ର, ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବ୍ଲକ ଅଧ୍ୟକ୍ଷା ସିଏଚ ଉଷା ରାଣୀ, ସିଡ଼ିପିଓ ଜ୍ୟୋତ୍ସ୍ନା ପାଢ଼ୀ, ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଭାରତୀ ନାୟକ, ଏମ୍‌ପି ପ୍ରତିନିଧି ଅଜିତ କୁମାର ଦାଶ, ସିଏଚ ବାଇରୀ ପାତ୍ର, ଗୋପାଳପୁର ଏନଏସି ଚେୟାରମ୍ୟାନ ଏ ଜାନକୀ ରାମ ଯୋଗଦେଇଥିଲେ। ଅତିଥି ମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ, ଶିକ୍ଷକ, ଏସଏଚଜିର ଏମବିକେ, ପ୍ରାଣୀମିତ୍ରା, ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜେଇଇ (ମେନ୍) ପ୍ରଥମ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷା

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ସଫଳତା

ବ୍ରହ୍ମପୁର,୧୬।୨(ଅଶୋକ କୁମାର ସାହୁ)

ଜାତୀୟସ୍ତରରେ ହୋଇଥିବା ଜେଇଇ (ମେନ୍) ପ୍ରଥମ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷା-୨୦୨୪ର ଫଳ ପ୍ରକାଶ ପାଇଛି। ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟାମନ୍ଦିର ନିଜ ପୂର୍ବ ଗୌରବ ବଜାୟ ରଖିଛି। ୫୪ ଛାତ୍ରୀଛାତ୍ର ୯୦ ପର୍ସେଣ୍ଟାଇଲରୁ ଅଧିକ ମାର୍କ ରଖିଛନ୍ତି। ସେମାନେ ହେଲେ ଆୟୁଷ କୁମାର ଦଳାଇ ୯୯.୧୨, ଆୟୁଷ ପ୍ରସାଦ ହୋତା ୯୮.୬୩, ଶାଶ୍ୱତ ସାହୁ ୯୮.୧୫, ମାନ୍ୟତା ଚୌଧୁରୀ ୯୭.୯୮, ହୃଷୀକେଶ କର ୯୭.୯୫, ଓମ୍ ପ୍ରୟାସ ଦାଶ ୯୭.୭୬, ଶିବ ସୁନ୍ଦର ସାମଲ ୯୭.୭୧, ନଚିକେତା ପଣ୍ଡା ୯୭.୫୭, ଜିଂଟୁ ପ୍ରଧାନ ୯୭.୪୪, ପ୍ରତୀକ କୁମାର ମହନ୍ତ ୯୭.୩୭, ଏମ୍. ଅନ୍ୱେଷା ରେଡ୍ଡି ୯୬.୬୩, କାଜଲ ସ୍ୱାଇଁ ୯୬.୬୧, ସୁମନ ଗୌରଭ ମହାନ୍ତି ୯୬.୫୯, ଆୟୁଷ ପାଣିଗ୍ରାହୀ ୯୬.୪୭, ରାଜେଶ ବିଶ୍ୱାଳ ୯୬.୨୯, କମଳ ଲଚନ ମହାପାତ୍ର ୯୬.୨୦, ରାଜେଶ କୁମାର ନାୟକ ୯୬.୦୦, ସତ୍ୟନାରାୟଣ ପାଢ଼ୀ ୯୫.୮୬, ଅନସୂୟା ସାହୁ ୯୫.୮୫, ଅନୁଭବ ଦାଶ ୯୫.୮୨, ଗୌରବ କୁମାର ବେହେରା ୯୫.୮୦, ମହେଶ କୁମାର




କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର।

ନାହାକ ୯୫.୫୦, ଅଂଶୁମାନ ବେହେରା ୯୫.୨୧, ଚନ୍ଦ୍ରଶେଖର ଦାଶ ୯୫.୧୮, ଏସ୍. ଯଜ୍ଞପ୍ରସାଦ ଆଚାରୀ ୯୫.୧୬, ଅର୍ନଭ ପାତ୍ର ୯୪.୯୦, ଆଶିଷ କୁମାର ସାହୁ ୯୪.୮୯, ବିଶ୍ୱଜିତ୍ ସାହୁ ୯୪.୭୭, ସତ୍ୟ ଆୟୁଷମାନ୍ ପାତ୍ର ୯୪.୭୩, ରିତେଶ ନନ୍ଦ ୯୪.୭୦, ବର୍ଷା ଜେନା ୯୪.୬୯, ରୁଦ୍ରପ୍ରସାଦ ମିଶ୍ର ୯୪.୦୯, ଏ.ଅବିନାଶ ୯୪.୦୮, ସ୍ୱସ୍ତିକ ଷଡ଼ଙ୍ଗୀ ୯୩.୯୮, ଶ୍ରୀବାସ୍ତବ ରଥ ୯୩.୯୬, ଆଶୁତୋଷ ଦାଶ ୯୩.୧୫, ସୁରଭି ପୃଷ୍ଟି ୯୨.୭୬, ଓମ୍ ପ୍ରସାଦ ସାହାଣି ୯୨.୭୫, ଦୀପକ କୁମାର ପାଣିଗ୍ରାହୀ ୯୨.୫୮, ଆକାଂକ୍ଷା ନାୟକ ୯୨.୪୩, ଅନ୍ୱେଷା ରାଣୀ ସାହୁ ୯୨.୪୩, ଆଲୋକ କୁମାର ସାହୁ ୯୨.୪୩, ଅଭିଜିତ୍ ମହାଙ୍କୁଡ଼ ୯୨.୩୪, ଅଚ୍ୟୁତାନନ୍ଦ ଗନ୍ତାୟତ ୯୨.୨୮, ଆଶୀର୍ବାଦ ପାଢ଼ୀ ୯୨.୨୦, ପ୍ରାଚୀପ୍ରିୟା ରଥ ୯୧.୭୨, ସୌରଭ ମହାନ୍ତି ୯୧.୫୩, ସୁରୋଜ କୁମାର ଗୋପେ ୯୧.୩୦, ସାଇ ସତ୍ୟପ୍ରକାଶ ପରିଡ଼ା ୯୧.୨୦, ଅନ୍ୱେଷା ମହାରଣା ୯୦.୮୯, ବିଶ୍ୱଜିତ୍ ମହାପାତ୍ର ୯୦.୮୬, ସିଦ୍ଧାର୍ଥ ରଥ ୯୦.୩୭, ସନ୍ଦୀପ କୁମାର ପ୍ରଧାନ ୯୦.୧୮, ଶୁଭମ୍ ନାହାକ ୯୦.୦୦ ପର୍ସେଟାଂଇଲ୍ ରଖି ଭାରତର ସର୍ବୋତ୍କୃଷ୍ଟ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

କୋଚିଂ ଡିଭିଜନ୍‌ର ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଅଭିଷେକ ଗୁପ୍ତା, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ଆର୍.ନାଗେସ୍ ବାବୁ, ସୁନିଲ୍ କୁମାର, କଲ୍ୟାଣ ଚକ୍ରବର୍ତ୍ତୀ, କେ.ରଜନୀକାନ୍ତ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣାମାରାଜୁ ଗୋଲାପଲ୍ଲୀ, ଏ.ନାଗେଶ୍ୱର ରାଓ, ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ରାଜେଶ ଜୟସ୍ୱାଲ୍, ପୱନ୍ କୁମାର, ପ୍ରତାପ କୁମାର ପାତ୍ର, ଜି. ସୁରେଶ, ରମେଶ କୁମାର, କେ.ଶିବାଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ମିଳିଛି। ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଅଭିଭାବକମାନଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, କୋଚିଂ ଡିଭିଜନ୍‌ର ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ଋଷିକୁଲ୍ୟାରୁ ପାଣି ପିଇବେ ୪୩ ପଞ୍ଚାୟତବାସୀ

ବ୍ରହ୍ମପୁର,ତା୧୬।୨(ଅଶୋକ କୁମାର ସାହୁ):



ଗଞ୍ଜାମ ଜିଲାର ହିଞ୍ଜିଳି ଓ ଶେରଗଡ ବ୍ଲକର ୪୩ ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ମିଳିବ। ପୂର୍ବରୁ ଏହି ପଞ୍ଚାୟତଗୁଡିକରେ ଭୂତଳ ଜଳ ବ୍ୟବସ୍ଥା ଥିଲା। ଏବେ ଋଷିକୂଲ୍ୟା ପାଣି ଯୋଗାଇ ଦିଆଯିବ। ବସୁଧା ଯୋଜନା ଜରିଆରେ ଏହି ବୃହତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ବ୍ରହ୍ମପୁର ଜଳ ଓ ପରିମଳ ଖଣ୍ଡ ପକ୍ଷରୁ ସୂଚନା ମିଳିଛି।

ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଗଞ୍ଜାମ ଜିଲାର ଅନେକ ଗ୍ରାମାଞ୍ଚଳରେ ପୂର୍ବରୁ ଗଭୀର ନଳକୂପ ଖୋଳାଯାଇ ସେଠାରୁ ମୋଟର ସାହାଯ୍ୟରେ ପାଣିକୁ ଓଭରଡେଡ ଟ୍ୟାଙ୍କକୁ ଉଠାଇ ପାଇପ ମାଧ୍ୟମରେ ପ୍ରତି ଘରକୁ ଯୋଗାଇ ଦିଆଯାଉଥିଲା। ଫଳରେ ଭୂତଳ ଜଳରେ କିଛି ପରିମାଣର ଆଇରନ ଓ କଠିନ ପଦାର୍ଥ ରହୁଥିଲା। ପାଣିର ଶୁଦ୍ଧତା କମି ଯାଉଥିଲା। ଏହାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ଶେରଗଡ ଓ ହିଞ୍ଜିଳି ବ୍ଲକକୁ ଋଷିକୂଲ୍ୟାରୁ ଜଳ ଯୋଗାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ପାଇଁ ବସୁଧା ଯୋଜନା ଜରିଆରେ ୨୦୪.୨୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଅନୁମୋଦନ କରିଛନ୍ତି। ବ୍ରହ୍ମପୁର ଜଳ ଓ ପରିମଳ ଖଣ୍ଡ ପକ୍ଷରୁ ଏହି କାର୍ଯ୍ୟ କରାଯିବ। ଏହାର ଡିପିଆର ପ୍ରସ୍ତୁତ କରାଯାଇ ବିଭାଗୀୟ ମୁଖ୍ୟ କାର୍ଯାଳୟକୁ ପଠାଯାଇଛି। ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ହିଞ୍ଜିଳି ଓ ଶେରଗଡ ବ୍ଲକ ଦୁଇଟି ଋଷିକୂଲ୍ୟା ନଦୀ କୂଳରେ ରହିଛି। ତେଣୁ ଏଠାରୁ ଜଳ ଯୋଗାଣ ହେଲେ ଲୋକେ ବିଶୁଦ୍ଧ ପାଣି ପାଇପାରିବେ। ଇଂଜିନିୟରିଂ ପ୍ରକ୍ୟୁରମେଣ୍ଟ ଆଣ୍ଡ କନଷ୍ଟ୍ରକସନ ମୋଡରେ ଏହି କାର୍ଯ୍ୟ କରାଯିବ। ଯେଉଁ ଏଜେନ୍ସି ଏହି ଦାୟିତ୍ୱ ନେବ ସେ ୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ନିର୍ବାହ କରିବ। ଋଷିକୁଲ୍ୟାରୁ ସିଧାସଳଖ ପାଣିକୁ ପାଇପ ଯୋଗେ ଅଣାଯିବ। ଶେରଗଡ ବ୍ଲକର ଢ଼ିଙ୍କିଶାଳ ନିକଟରେ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ କରାଯିବ। ସେଠାରେ ପାଣିକୁ ବିଶୋଧନ କରାଯାଇ ପୂର୍ବରୁ ହୋଇଥିବା ଓଭରହେଡ ଟ୍ୟାଙ୍କକୁ ଛଡାଯିବ ଏବଂ ପୂର୍ବରୁ ପଡିଥିବା ପାଇପ ଯୋଗେ ପ୍ରତି ଗାଁର ଘର ଘରକୁ ଯୋଗାଣ କରିବାକୁ ପ୍ରକଳ୍ପର ଲକ୍ଷ୍ୟ ରହିଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପତି କହିଛନ୍ତି, ବସୁଧା ଯୋଜନାରେ ଏହି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହାର ଡିପିଆର ପ୍ରସ୍ତୁତ କରାଯାଇ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯାଇଛି। ଖୁବ ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ୩ କେନ୍ଦ୍ରରେ ପରୀକ୍ଷା ଦେଲେ ୪୧୩ ଛାତ୍ରୀଛାତ୍ର

ଯୁକ୍ତ ୨ ପରୀକ୍ଷା

ଆସିକା,୧୬।୨(ସୁରେନ୍ଦ୍ରନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ, ନିରଞ୍ଜନ ମହିଳା ମହାବିଦ୍ୟାଳୟ ଓ କେନ୍ଦୁପଦରସ୍ଥିତ ଏନବିସି କଲେଜ କେନ୍ଦ୍ରରେ ଶୁକ୍ରବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଛି । ଶୁକ୍ରବାର ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ମାତୃଭାଷା ଓଡିଆ ପରୀକ୍ଷା ରହିଥିଲା ବେଳେ ଉପରୋକ୍ତ ୩ କେନ୍ଦ୍ରରେ ମୋଟ ୪୧୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୨ଜଣ ଅନୁପସ୍ଥିତ ରହିଥିଲେ । ଆସିକା ବିଜ୍ଞାନ ମହାବିଦ୍ୟାଳୟ କେନ୍ଦ୍ରରେ ଆସିକା ବିଜ୍ଞାନ କଲେଜର ୧୩୯ଜଣ ଓ ସରସ୍ୱତୀ ବିଦ୍ୟାମନ୍ଦିରର ୯୬ଜଣ ଏପରି ମୋଟ ୨୩୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୩ଜଣ ପରୀକ୍ଷା ଦେଇଥିଲେ। ସେହିଭଳି ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ଏହି ମହାବିଦ୍ୟାଳୟର ୧୩୨ଜଣ ଓ କେନ୍ଦୁପଦରସ୍ଥିତ ଏନବିସି କଲେଜ କେନ୍ଦ୍ରରେ ଉକ୍ତ ମହାବିଦ୍ୟାଳୟର ୪୮ଜଣ ପରୀକ୍ଷା ଦେଇଛନ୍ତି। ଆସିକା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗଣେଶ୍ୱର ମାଝି ଓ ଏନବିସି କଲେଜ କେନ୍ଦ୍ରରେ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେ ପରୀକ୍ଷା ପରିଚାଳନା କରିଥିଲେ । ଆସିକା ମହାବିଦ୍ୟାଳୟକୁ ପରୀକ୍ଷାର ହବ ସେଣ୍ଟର ଭାବେ ରଖାଯାଇଛି। ଏଠାରୁ ଶୁକ୍ରବାର ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ଶେରଗଡସ୍ଥିତ ଉଦୟପ୍ରତାପ ବିଜ୍ଞାନ ମହାବିଦ୍ୟାଳୟକୁ ପ୍ରଶ୍ନପତ୍ର ଓ ଉର ଖାତା ପଠାଯାଇଛି।

## ସଂକ୍ଷେପରେ

### ୩ଟି କେନ୍ଦ୍ରରେ ୨୯୭ ପରୀକ୍ଷାର୍ଥୀ

ବୁଗୁଡା,୧୬।୨(କାଳିଚରଣ ଦାଶ): ଶୁକ୍ରବାରରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୁଗୁଡ଼ା ଅଞ୍ଚଳର ୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାଯାଇଛି। ବୁଗୁଡ଼ା ପିପୁଲ୍ସ କଲେଜ କେନ୍ଦ୍ରରେ ସୁପରିଣ୍ଟେଣ୍ଡାଣ୍ଟ ଆତ୍ମ ପ୍ରକାଶ ନାୟକଙ୍କ ତତ୍ତ୍ୱାବଧାନରେ ୧୭୪ ଜଣ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ୭୩ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ସୁପରିଣ୍ଟେଣ୍ଡାଣ୍ଟ ଅନୁପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅନ୍ୟପକ୍ଷରେ ପିପୁଲ୍ସ କଲେଜ ହବ୍ ସେଣ୍ଟର ହୋଇଥିବାରୁ ସେଠାରେ ସଶସ୍ତ୍ର ପୋଲିସ ପହରା ସହ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରହିଥିବା ବେଳେ ସୁପରଭାଇଜର ଦାୟିତ୍ୱରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଏବଂ ଡେପୁଟି ସୁପରିଣ୍ଟେଣ୍ଡାଣ୍ଟ ଦାୟିତ୍ୱରେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ ରହିଛନ୍ତି।

### ରକ୍ତଦାନ ଶିବିର

ଆସିକା ୧୬।୨ (ସୁରେନ୍ଦ୍ରନାଥ ସାହୁ): ଆସିକା ବିଜ୍ଞାନ ମହାବିଦ୍ୟାଳୟଠାରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ, ନୂଆ-ଓ ନୋଡାଲ ଅଫିସର ଡ. ବସନ୍ତ କୁମାର ଆଚାରୀ, ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ, ଡ. ଅଜିତ କୁମାର ମୁନି ପ୍ରମୁଖ ମଞ୍ଚାସୀନ ଥିଲେ। ଭଞ୍ଜନଗର ରକ୍ତ ଭଣ୍ଡାରର କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା।

### କିଶୋରୀ ବାଳିକା ଆତ୍ମରକ୍ଷା ତାଲିମ

କବିସୂର୍ଯ୍ୟନଗର, ୧୬।୨ (କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରାଜ୍ୟ ସରକାରଙ୍କ ଶିଶୁ ବିକାଶ ସମନ୍ୱିତ ପ୍ରକଳ୍ପ ପକ୍ଷରୁ କିଶୋରୀ ବାଳିକା ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଇଓ ଅଭିମନ୍ୟୁ ସାହୁ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି କିଶୋରୀମାନଙ୍କୁ ଆତ୍ମରକ୍ଷାର ଦିଗଦର୍ଶନ ଦେଇଥିଲେ । ସିଡିପିଓ ବୀଣାପାଣି ମିଶ୍ରଙ୍କ ସଭାପତିତ୍ୱରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । କିଶୋରୀମାନଙ୍କୁ ମାର୍ଗଦର୍ଶନ ଦେବା ସହ ବିଭିନ୍ନ ସୁରକ୍ଷା ଉପାୟ ଅବଲମ୍ବନ କରିବାକୁ କହିଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ସୁପରଭାଇଜର ଗୀତାଞ୍ଜଳି ବେହେରା, ମଞ୍ଜୁଶ୍ରୀ ବେହେରା, ସଂଯୁକ୍ତା ପ୍ରଧାନ, ଇନ୍ଦିରା ପଣ୍ଡା, ତ୍ରିପୁରା ମୋହିନୀ ଦାସ, ନର୍ମଦା ବିଷୋୟୀ ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ। ପ୍ରଶିକ୍ଷିକା ନବନିତା ସ୍ୱାଇଁ ଓ ଜୟନ୍ତୀ କୁମାରୀ ପ୍ରଧାନ କିଶୋରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ତାଲିମ ଦେଇଥିଲେ।

# ଲଣ୍ଡେଇସାହି -ବାହାଡ଼ାପଦର ରାସ୍ତା ପାଇଁ ୧୪ କୋଟି ୪୮ ଲକ୍ଷ ଖର୍ଚ୍ଚ ହେବ




ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

ଭଞ୍ଜନଗର,୧୬।୨(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଗୁରୁବାର ରାତିରେ ଲଣ୍ଡେଇସାହିରେ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭଞ୍ଜନଗର ନିର୍ବାଚନମଣ୍ଡଳୀର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଗଞ୍ଜାମ ଜିଲାର ୬୨୨ ଟି ହାଇସ୍କୁଲ ରୂପାନ୍ତରିତ ହୋଇଛି। ଲଣ୍ଡେଇସାହି ଛକରୁ ବାହାଡ଼ା ପଦର ରାସ୍ତା ପାଇଁ ୧୪ କୋଟି ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଆସନ୍ତା ୨୧ ତାରିଖରୁ ଗଞ୍ଜାମ ଜିଲାରେ ଲକ୍ଷ୍ମୀ ବସ ଗଡିବ ବୋଲି କହିଥିଲେ। ଏହା ପୂର୍ବରୁ ମନ୍ତ୍ରୀ ପଞ୍ଚାୟତର ଅନେକ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ବୈଠକରେ ବିଜେଡ଼ି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ସରପଞ୍ଚ ଶିବରାମ ସାହୁ, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଯନ୍ତ୍ରୀ ରବିନ୍ଦ୍ର ନାୟକ, ପ୍ରତାପ ସିଂ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଶୂଳପାଣି ଶତପଥି ସଭାକୁ ସଂଯୋଜନା କରିଥିଲେ।

# ଆସାମରେ କବି ପ୍ରସନ୍ନ ଦଳାଇ ସମ୍ବର୍ଦ୍ଧିତ

କବିସୂର୍ଯ୍ୟନଗର,୧୬।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ଗ୍ରାମର ପ୍ରସନ୍ନ କୁମାର ଦଳାଇ ନିଜର ଦୃଢ଼ ମନୋବଳ, ଇଚ୍ଛାଶକ୍ତି, ସାଧନା ବଳରେ ଯଶଖ୍ୟାତି, ପ୍ରତିଷ୍ଠା ଅର୍ଜନ କରିଛନ୍ତି। ତାଙ୍କ ଲେଖନୀ ମୁନରୁ ନିଃସୃତ ବହୁ ଉପାଦେୟ ଇଂଲିଶ କବିତା ଜାତୀୟ, ଆନ୍ତର୍ଜାତିକ ସ୍ତରରେ ବହୁବାର ପୁରସ୍କୃତ ହୋଇଛି। ଗତ ୧୩ ତାରିଖରେ ଆସାମ ସରକାରଙ୍କ ଶାବଦା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶାବଦାର ୬ଷ୍ଠ ଜାତୀୟ ପ୍ରବନ୍ଧ ଓ ସାଂସ୍କୃତିକ ଉତ୍ସବ ଅବସରରେ ତାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ପ୍ରସନ୍ନଙ୍କ ସାମାଜିକ ବ୍ୟବସ୍ଥା, ଚଳଣି, ପରିବେଶ ପରିବର୍ତ୍ତନ, ପ୍ରକୃତି ସମ୍ପର୍କିତ ଲେଖାଗୁଡିକ ବିଶ୍ୱ ସନ୍ତୁଳନ ପାଇଁ ବହୁ ଉପାଦେୟ। ସେ ବର୍ତ୍ତମାନ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଇଂଲିଶ ଅଧ୍ୟାପକ ଭାବେ କାର୍ଯ୍ୟରତ। ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଭାବେ କାର୍ଯ୍ୟକରି ମହାବିଦ୍ୟାଳୟର ଉନ୍ନତୀ ପାଇଁ ସର୍ବଦା ଉଦ୍ୟମରତ।

# ଅଷ୍ଟପ୍ରହର ନାମଯଜ୍ଞ



ନାମଯଜ୍ଞରେ ସଂକୀର୍ତ୍ତନ କରାଯାଉଛି।

ଆସିକା,୧୬।୨(ସୁରେନ୍ଦ୍ରନାଥ ସାହୁ)

ଆସିକା ଏନଏସି ଲାଲାଗୋର୍ଜ ଛକ ଠାରେ ସହରର ସର୍ବପୁରାତନ ନାମ ସଂକୀତନ ମଣ୍ଡଳୀ ପକ୍ଷରୁ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହା ଶନିବାର ମଧ୍ୟାହ୍ନରେ ଉଦଯାପିତ ହେବ । ପୋଡିଙ୍ଗି ମହନ୍ତ ଅନନ୍ତକୃଷ୍ଣ ଦାଶ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମଯଜ୍ଞ ପୂଜାର୍ଚ୍ଚନା କରାଯାଇଛି। ସେହିପରି ନାମ ସଂକୀର୍ତ୍ତନ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବୁଗୁଡା ପଙ୍କଳବାଡି, ବେଠିଆବୋରଦା, କେନ୍ଦୁବାଡି ଓ ମନ୍ଦାର ଗ୍ରାମର ନାମ ସଂକୀର୍ତ୍ତନ ମଣ୍ଡଳି ଏହି ନାମଯଜ୍ଞରେ ସାମିଲ ହୋଇଛନ୍ତି। ନାମ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ଦେବରାଜ ପାତ୍ର, ସୁରେନ୍ଦ୍ରନାଥ ସାହୁ, ଉପେନ୍ଦ୍ର ମହାନ୍ତି, ସିମାଞ୍ଚଳ ସାହୁ, ବାବୁ ଆଚାରୀ, ବାଲକ୍ରିଷ୍ଣା ରାଓ, ମୁନା ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ,ଖରାରେ ଶିଶୁ

ପୁରୁଷୋତ୍ତମପୁର,୧୬।୨(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ୧୫ ଦଫା ଦାବିନେଇ ଶୁକ୍ରବାର ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟକୁ ଚାବି ପକାଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଏହିଆନ୍ଦୋଳନରତ କର୍ମୀମାନେ ଖରାରେ ବସିରହିଥିବା ବେଳେ ଜଣେ କର୍ମୀ ନିଜର ଶିଶୁଟିକୁ ଧରି ଖରାରେ ବସିଥିବାର ଦେଖିବାକୁ ମିଳିଛି। ଯାହାକି ସକାଳ ୯ ଟାରୁ ଅପରାହ୍ନ ୩ଟା ଯାଏ ଆନ୍ଦୋଳନ ଚାଲିଥିବା ବେଳେ ଏହି ଶିଶୁଟି ଖରାରେ ସିଝୁଥିବା ଘଟଣା ସମସ୍ତଙ୍କ ହୃଦୟସ୍ପର୍ଶୀ ହୋଇପଡିଛି। ଶିଶୁ କିଛିବି ଜାଣୁ ନଥିବା ବେଳେ ମା'ର ହକ ଲାଗି ମା' କୋଳରେ ବସି ଖରାରେ ସିଝିବାରେ ଲାଗିଥିଲା।

# ରିକାପଲ୍ଲୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଛତ୍ରପୁର,୧୬।୨ (ସନ୍ତୋଷ ପାଢ଼ୀ): ଛତ୍ରପୁର ମୁଖ୍ୟ ସଡ଼କପଥରେ ଅବସ୍ଥାପିତ ରିକାପଲ୍ଲୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ସମାରୋହରେ ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସରେ ଶିକ୍ଷାର ଉନ୍ନତି ବିଧାନ ଓ ଶିକ୍ଷଣ ପ୍ରଣାଳୀକୁ ଅଧିକା ଉତ୍ସର୍ଗୀକୃତ କରାଯାଉଛି, ଯାହାକି ଆମ ପିଲାମାନଙ୍କୁ ମଧ ଆମ୍ଭେ ବେସରକାରୀ ବିଦ୍ୟାଳୟଠାରୁ ଉନ୍ନତ ଶିକ୍ଷଣରେ କିଛି କମ ନୁହେଁ ବୋଲି ମତ ପ୍ରକାଶ କରିଛନ୍ତି । ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ରଜନୀକାନ୍ତ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ସାହୁ, ସ୍କୁଲ ସଭାପତି ମଧୁସୁଦନ ରାଓ, ବରିଷ୍ଠ ଖବରଦାତା କେ.ସତ୍ୟନାରାୟଣ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ହୋଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉନ୍ନତମାନର ଶିକ୍ଷଣ ଉପରେ ତାତ୍ତ୍ୱିକ ପରାମର୍ଶ ଦେଇଥିଲେ। ଏହି ସ୍କୁଲର ବର୍ଷିୟାନ ଶିକ୍ଷୟିତ୍ରୀ ସରୋଜିନୀ ପଟ୍ଟନାୟକ ସ୍ମୃତିରେ ସମସ୍ତ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ରୀତା ରଥଙ୍କ ଅଧ୍ୟକ୍ଷତାରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

# ଆମ ପୋଲିସ ସମିତି ବୈଠକ




ଶେରଗଡ, ୧୬।୨(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବରେନ୍ଦ୍ର ସିଆଳ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ଶେରଗଡ ସମିତିସଭ୍ୟା ତଥା ରାଜ୍ୟ ଶିଶୁ ବିକାଶ ଯୋଜନାର ଉପଦେଷ୍ଟା ସବିତାରାଣୀ ଚୌଧୁରୀ, ମୁଖ୍ୟ ଅତିଥି ଭାବେ ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇଥିଲେ। ପ୍ରସନ୍ନ କୁମାର ପଣ୍ଡା, ଶ୍ରୀଦୀପ ମହାପାତ୍ର, ପ୍ରେମାନନ୍ଦ ପଣ୍ଡା, ଏସଆଇ ସତ୍ୟଜିତ ବେଣିଆ,କୃଷ୍ଣଚନ୍ଦ୍ର ଦାଶ, ସ୍ୱପ୍ନା ବେହେରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଉକ୍ତ ବୈଠକରେ ଟାକରଡ଼ା ସରପଞ୍ଚ ରାଜେନ୍ଦ୍ର ସେଠୀ, ମହୁପଦର ସରପଞ୍ଚ ଟୁକୁନା ଦାସ, ବୃନ୍ଦାବନ ଗୌଡ, ଅଜିତ କୁମାର ଜେନା, ସୁବ୍ରତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

କବିସୂର୍ଯ୍ୟନଗର,୧୬।୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗରସ୍ଥିତ ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ଡ଼. ପ୍ରସନ୍ନ କୁମାର ଦଳାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଭାତ କୁମାର ନନ୍ଦ ବେଦ ପାଠ ଦ୍ୱାରା ଅତିଥିଙ୍କୁ ସ୍ୱାଗତ କରିଥିଲେ। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜ ଅଧ୍ୟକ୍ଷ କେ. ପୁରୁଷୋତ୍ତମ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସୁଶାନ୍ତ କୁମାର ଦାସ, ସାହିତ୍ୟିକ ଡ଼. ସୁରେନ୍ଦ୍ର ନାଥ ସାହୁ, ସଂଯୋଜକ ତଥା ଅଧ୍ୟକ୍ଷ ଅବନୀ ରଞ୍ଜନ ମିଶ୍ର, ସୁଗାୟିକା ସୁଶ୍ରୀ ଲିପି ମହାନ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ରୁନି ପାଣିଗ୍ରାହୀ ପୁରସ୍କାର ବିତରଣ ସମ୍ପାଦନ କରିଥିଲେ। ଅଧ୍ୟାପିକା ଡ଼. ସୌଭାଗ୍ୟ ମଞ୍ଜରୀ ନାଥ, ଅଧ୍ୟାପକ ନରସିଂହ ପାଢ଼ୀ, ଡ଼. ନରେନ୍ଦ୍ର କୁମାର ଦାସ, ଗ୍ରନ୍ଥାଗାର ସୁଇଟି ସ୍ୱାଇଁ, କିରାଣି ଧରିତ୍ରୀ ପ୍ରଧାନ, ଚୌକିଦାର ସୀତାପତି ମହାରଣା ଓ ବାବୁଲା ମଣ୍ଡଳ ସହଯୋଗ କରିଥିଲେ । ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେଡ ୟୁନିୟନ, କୃଷକ ସଂଘ ପକ୍ଷରୁ ରାଜପଥ ଅବରୋଧ

ଛତ୍ରପୁର,୧୬।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):




ଛତ୍ରପୁରଠାରେ ଜାତୀୟ ରାଜପଥ ଅବରୋଧ କରାଯାଉଛି ।

ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସଂଯୁକ୍ତ କିଷାନମୋର୍ଚ୍ଚା ପକ୍ଷରୁ ଦେଶବ୍ୟାପୀ ହରତାଳ ଓ ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଶୁକ୍ରବାର ଛତ୍ରପୁର ସହରର ଲୋୟର ବସଷ୍ଟାଣ୍ଡ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ସଭା ହୋଇଥିଲା। ଏଥିସହ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ନିକଟସ୍ଥ ଜାତୀୟ ରାଜପଥକୁ ଆନ୍ଦୋଳନକାରୀ ଦୀର୍ଘ ସମୟଧରି ଅବରୋଧ କରି ଧର୍ମଘଟ କରିଥିଲେ। ଦେଶରେ ଚାଷୀମାନେ ବିଭିନ୍ନ ଦାବି ନେଇ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ କେନ୍ଦ୍ରର ଭାଜପା ସରକାର ସେମାନଙ୍କୁ ଅଟକାଇବା ପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରିବା ସହ ଏକ ପ୍ରକାର ଖଣ୍ଡଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାକୁ ଗଲାଣି। ଏହାକୁ ଆଜି ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା କରାଯିବା ସହ ଚାଷୀମାନେ କାହିଁକି ଦିଲ୍ଲୀ ଯାଇପାରିବେନି, ସରକାର କାହିଁକି ଅଟକାଇବା ପାଇଁ ଚେଷ୍ଟା କରୁଛି ବୋଲି ପ୍ରଶ୍ନ କରିଥିଲେ। ଏହି ଧର୍ମଘଟରେ ଏଆଇଟିୟୁସିରୁ ଶ୍ରମିକ ଓ ଚାଷୀନେତା ନୀଳକଣ୍ଠ ଦାସ, ଆଇଏନଟିୟୁସି ଶ୍ରମିକନେତା ଇଜୁ ଆମିନ ଖାନ, କଂଗ୍ରେସ ନେତା ଭାଗିରଥି ବେହେରା, କ୍ରୀଷ୍ଣା ରେଡ୍ଡୀ, ଟିୟୁସିସି ନେତା ସନ୍ତୋଷ ସାହୁ, କମ୍ୟୁନିଷ୍ଟ ମହିଳା ନେତ୍ରୀ ଭାନୁମତୀ ରେଡ଼ି, ଋଷିକୂଲ୍ୟା ରୟତ ମହାସଂଘ ଚାଷୀନେତା ସିମାଞ୍ଚଳ ନାହାକ, ବିକେଏମୟୁ ନେତା ଗୁରୁନାଥ ପ୍ରଧାନ, ରାଜୀବ ଲୋଚନ ପଣ୍ଡା, ପ୍ରଦୀପ ନାହାକ, ଗଣପତି ବାରିକ ପ୍ରମୁଖ ଧର୍ମଘଟରେ ଯୋଗଦେଇଥିଲେ।

**ଖଲ୍ଲିକୋଟ (ପ୍ରଶାନ୍ତ କୁମାର ମିଶ୍ର):** କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନମାନଙ୍କର ମିଳିତ ମଞ୍ଚର ଗ୍ରାମୀଣ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ଶୁକ୍ରବାର ଖଲ୍ଲିକୋଟଠାରେ ବନ୍ଦ ପାଳିତ ହୋଇଯାଇଛି। ସ୍ଥାନୀୟ ବିକେଏୟୁ, ଅଖିଳ ଭାରତ କୃଷକ ସଭା, ଏଆଇଟିୟୁସି ଓ କଂଗ୍ରେସ ଦଳ ମିଳିତ ଭାବେ ଶତାଧିକ କର୍ମୀଙ୍କ ସହ ନିର୍ମଳଝର ଛକ ଠାରେ ଏକ ଘଣ୍ଟା ରାସ୍ତାରୋକୋ କରିଥିଲେ। ମିଳିତ ମଞ୍ଚ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଖଲ୍ଲିକୋଟ ସହର ପରିକ୍ରମା କରିବା ସହ ବସଷ୍ଟାଣ୍ଡରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। କୃଷକ ନେତା କନ୍ଧ ପ୍ରଧାନ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, କ୍ଷେତ ମଜଦୂର ୟୁନିୟନର ଜିଲା ସଭାପତି ସାଥି ରଘୁନାଥ ଗୌଡ଼, ଏଆଇଟିୟୁସିର ସାଥି ଦୁର୍ଗା ଚରଣ ପାତ୍ର, ବିକେଏମ୍ୟୁ ନେତା ସାଥି ରବି ସ୍ୱାଇଁ, ଆଇଏନଟିୟୁସି ନେତା ଭୋକାଲୀ ସେଠୀ, କଂଗ୍ରେସ ବ୍ଲକ ସଭାପତି ମେଘନାଦ ଦଳେଇ, ସିପିଆଇର ଯୁବ ନେତା ଜୟରାମ ଦାଶ ପ୍ରମୁଖ ଯୋଗଦେଇଥିଲେ।

**ଦିଗପହଣ୍ଡି (ଅଶେଷ ନାଥ ମିଶ୍ର):** ସେହିପରି ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ ବଡଖେମୁଣ୍ଡି ଆଞ୍ଚଳିକ ପରିଷଦ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ କମ୍ୟୁନିଷ୍ଟ ନେତା ବୃନ୍ଦାବନ ପଣ୍ଡା, ଆଞ୍ଚଳିକ ପରିଷଦ ସମ୍ପାଦକ କିଶୋର କୁମାର ଶତପଥୀ, ସିପିଆଇ ଭୀଷ୍ମଗିରି ଶାଖା ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ସେଠୀ ଉପସ୍ଥିତଥିଲେ।

**ଆସିକା/ସୋରଡ଼ା(ସୁରେନ୍ଦ୍ରନାଥ ସାହୁ/ ଲମ୍ବୋଦର ପାଣିଗ୍ରାହୀ):** କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ ଜାତୀୟତା ବିରୋଧୀ ନୀତି ବିରୋଧରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଶୁକ୍ରବାର ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଆସିକା ବସଷ୍ଟାଣ୍ଡ ଛକଠାରେ ବିକ୍ଷୋଭକାରୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜୀ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଆଇଟିୟୁସି ଗଞ୍ଜାମ ଜିଲା ସହ ସଂପାଦକ ରାଜେନ୍ଦ୍ର ଦାଶ, ବୁଢା ପାଣିଗ୍ରାହୀ, ସୁଜିତ ପୃଷ୍ଟି, ଶ୍ରୀମାନ ଦାସ, ସିଆଇଟିୟୁ ନେତା ଲକ୍ଷ୍ମଣ ପାଢୀ, ସୁବାସ ପ୍ରଧାନ, ଅଖିଳ ଭାରତ କୃଷକ ସଂଘ ନେତା ପିତବାସ ମହାପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ ।

ସେହିପରି ସୋରଡ଼ାରେ ଟ୍ରେଡ ୟୁନିୟନ ତରଫରୁ ସ୍ଥାନୀୟ ଡାକ ବିଭାଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଭୁ ପ୍ରସାଦ ପାଣିଗ୍ରାହୀ, ସଂଗ୍ରାମ ନାୟକଙ୍କ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ସମର୍ଥକମାନେ ଯୋଗଦେଇଥିଲେ।

